ଚିନାମଲ

*ବନାମ*

ତାମିଲ ନାଡୁ ରାଜ୍ୟ ଏବଂ ଅନ୍ୟମାନେ

ନଭେମ୍ବର 20,1996

[ଏମ୍.କେ. ମୁଖାର୍ଜୀ ଏବଂ ଏସ୍.ପି. କୁର୍ଦୁକର, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ ଆଇନ :*

*ସିଆର୍.ପି.ସି.ର ଧାରା 164 ଏବଂ ଏଫ୍ଆଇଆର୍ ଅଧୀନରେ ବିବୃତି ନଥିଭୁକ୍ତ କରାଯାଇଛି—ସାକ୍ଷ୍ୟଗତ ମୂଲ୍ୟ–ଆଇପିସିର ଧାରା 147, 148, 307 ଏବଂ 302 ଅଧୀନରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି—ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଦୋଷସିଦ୍ଧି–ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ଯେ, ସିଆର୍ ପି ସିର ଧାରା 164 ଅଧୀନରେ ନଥିଭୁକ୍ତ ହୋଇଥିବା ସାକ୍ଷୀଙ୍କ ବିବୃତି ଏବଂ ଏଫ୍ଆଇଆର୍ ରେ ପରସ୍ପର ବିରୋଧ ରହିଛି—ଦର୍ଶାଯାଇଛି, ଉଚ୍ଚ ନ୍ୟାୟାଳୟ ପ୍ରଥମେ ବିଚାର ସମୟରେ ସାକ୍ଷୀମାନଙ୍କ ଦ୍ୱାରା ଦିଆଯାଇଥିବା ବିବୃତିଗୁଡ଼ିକ ଉପରେ ବିଚାର କରିବା ଉଚିତ ଥିଲା ଏବଂ ସେମାନଙ୍କ ପୂର୍ବ ବିବୃତିଗୁଡ଼ିକ ସହିତ ସେମାନଙ୍କ ଦ୍ୱନ୍ଦ୍ୱ (ଯଦି କିଛି ଥାଏ) କୁ ଦୃଷ୍ଟିରେ ରଖି ସେହି ବିବୃତି ଉପରେ ନିର୍ଭର କରାଯିବା ଉଚିତ କି ନାହିଁ, ତାହା ନିଜ ପାଇଁ ନିଷ୍ପତ୍ତି ନେବା ଉଚିତ ଥିଲା, ଯଦି ସେହି ପରସ୍ପର ବିରୋଧାଭାସଗୁଡ଼ିକୁ ସାକ୍ଷ୍ୟ ଅଧିନିୟମର ଧାରା 145 ଅଧୀନରେ ନଥିଭୁକ୍ତ କରାଯାଇଥିଲା—ଉଚ୍ଚ ନ୍ୟାୟାଳୟ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ପ୍ରତ୍ୟାଖ୍ୟାନ କରି ଭୁଲ କରିଥିଲେ, ଯାହା ଉପରେ ଖୁବ କମ ଆଲୋଚନା କରାଯାଇ ଥିଲା–ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ରଦ୍ଦ କରାଗଲା–ଆଇନ ଅନୁଯାୟୀ ପରିସମାପ୍ତି ପାଇଁ ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଯାଇଥିଲା; ଭାରତୀୟ ଦଣ୍ଡ ସଂହିତା, 1860–ଧାରାଗୁଡ଼ିକ 147, 148, 307 ଏବଂ 302; ଫୌଜଦାରୀ କାର୍ଯ୍ୟବିଧି ସଂହିତା, ଧାରା 164–-ସାକ୍ଷ୍ୟ ଅଧିନିୟମ, 1872–ଧାରା 145 ।*

ଫୌଜଦାରୀ ଅପିଲ ଅଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 333/1989

ସିଆର୍ ଏ ସଂଖ୍ୟା  241/1988 ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 23.12.88 ତାରିଖର ରାୟ ଏବଂ ଆଦେଶରୁ। ।

ଅପିଲକାରୀଙ୍କ ପାଇଁ ଏମ୍.ଏନ୍. କ୍ରିଷ୍ଣାମଣି, ପ୍ରବୀଣ କୁମାର ଏବଂ ଭି.ଶେଖର ।

ଉତ୍ତରଦାତାମାନଙ୍କ ପାଇଁ ଏନ୍.ନଟରାଜନ, ଆର୍.ପି. କୋଭିଲନ, ଭି.ବାଲଚନ୍ଦ୍ରନ ଏବଂ ଏସ୍. ଆନନ୍ଦ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଛଅ ଜଣ ଅଭିଯୁକ୍ତ-ଉତ୍ତରଦାତାଙ୍କ ଆଇପିସିର ଧାରା 147,148,307 ଏବଂ 302 (3ଟି ଦଫା) ଅଧୀନରେ ଦଣ୍ଡନୀୟ ଅପରାଧ ପାଇଁ ବିଚାର କରାଯାଇଥିଲା ଏବଂ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଅପିଲରେ, ଉଚ୍ଚ ନ୍ୟାୟାଳୟ ସେମାନଙ୍କର ଦୋଷସିଦ୍ଧିକୁ ରଦ୍ଦ କରି ସେମାନଙ୍କୁ ଦୋଷମୁକ୍ତ କରିଥିଲେ । ଏଥିରେ ବ୍ୟଥିତ ହୋଇ ଅପିଲକାରୀ, ଯିଏକି ତିନି ମୃତକଙ୍କ ମଧ୍ୟରୁ ଜଣଙ୍କ ପତ୍ନୀ ଏବଂ ଘଟଣାର ଜଣେ ପ୍ରତ୍ୟକ୍ଷଦର୍ଶୀ ଭାବରେ ବିବେଚିତ ହୋଇଥିଲେ, ସ୍ୱତନ୍ତ୍ର ଅନୁମତି ପାଇବା ପରେ ଏହି ଅପିଲ ଦାଖଲ କରିଥିଲେ ।

ଆକ୍ଷେପିତ ରାୟକୁ ଅନୁଧ୍ୟାନ କରିବା ପରେ ଆମେ ଜାଣିବାକୁ ପାଇଲୁ ଯେ, ଅଭିଯୁକ୍ତ-ଉତ୍ତରଦାତାମାନଙ୍କ ଦୋଷସିଦ୍ଧିକୁ ରଦ୍ଦ କରିବାରେ ଉଚ୍ଚ ନ୍ୟାୟାଳୟଙ୍କର ଯେଉଁ ମୁଖ୍ୟ କାରଣଟି ଗୁରୁତ୍ୱ ବହନ କରିଥିଲା ତାହା ହେଉଛି ଯେ, ଦଣ୍ଡାଧିକାରୀଙ୍କ ସମ୍ମୁଖରେ, ଅପିଲକାରୀଙ୍କ ଦ୍ୱାରା ଦିଆଯାଇଥିବା ବିବୃତି (ବିଟ୍.ଡି 1) (ଯିଏ ଘଟଣା ସମୟରେ ଅଭିଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ଦାବି ମଧ୍ୟ କରିଥିଲେ) ଯାହା ପ୍ରଥମେ ତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଭାବରେ ନଥିଭୁକ୍ତ କରାଯାଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ସିଆରପିସିର ଧାରା 164 ଅଧୀନରେ ନଥିଭୁକ୍ତ ହୋଇଥିବା ବୟାନ ଭାବରେ ପରୀକ୍ଷା କରାଯାଇଥିଲା, ତାଙ୍କ ବଞ୍ଚିବା ଏବଂ ସେ ପୋଲିସଙ୍କ ସମ୍ମୁଖରେ ରଜୁ କରିଥିବା ବିବୃତି (ବିଟ୍ ପି 1) (ଯାହାକୁ ପ୍ରଥମ ସୂଚନା ବିବୃତି ଭାବରେ ବିବେଚନା କରାଯାଇଥିଲା) ପରସ୍ପର ବିରୋଧୀ ଥିଲେ । ଆମର ବିଚାରଯୋଗ୍ୟ ଦୃଷ୍ଟିକୋଣରେ, ସାକ୍ଷ୍ୟ ବିଶ୍ଳେଷଣ କାରବାର କରିବାରେ ଉଚ୍ଚ ନ୍ୟାୟାଳୟଙ୍କର ଏହି ଆଭିମୁଖ୍ୟ ସ୍ପଷ୍ଟ ଭାବରେ ଭୁଲ ଥିଲା । ଏହା ଅତି ସାଧାରଣ କଥା ଯେ, ମାମଲା ବିଚାର ସମୟରେ ସାକ୍ଷୀମାନଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିବା ସାକ୍ଷ୍ୟ ଆଧାରରେ ନିଷ୍ପତ୍ତି ନିଆଯିବା ଆବଶ୍ୟକ ଏବଂ ଏହିପରି କୌଣସି ସାକ୍ଷୀଙ୍କ ଦ୍ୱାରା ଦିଆଯାଇଥିବା କୌଣସି ପୂର୍ବ ବୟାନକୁ ପ୍ରତି ପକ୍ଷଙ୍କ ଦ୍ୱାରା ସାକ୍ଷ୍ୟ ଅଧିନିୟମର ଧାରା 145 ରେ ଉଲ୍ଲେଖ କରାଯାଇଥିବା ପଦ୍ଧତିରେ କେବଳ ସେହି ନିର୍ଦ୍ଦିଷ୍ଟ ସାକ୍ଷୀଙ୍କ ବୟାନକୁ ଖଣ୍ଡନ କରି ଅସ୍ୱୀକାର କରାଯାଇ । କୌଣସି ପରିସ୍ଥିତିରେ ଏପରି ପୂର୍ବ ବୟାନକୁ ମୂଳ ସାକ୍ଷ୍ୟ ଭାବରେ ବିବେଚନା କରାଯାଇପାରିବ ନାହିଁ, ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହି ମାମଲାରେ ବିବେଚନା କରାଯାଇଛି । ଆଇନର ଏହି ସୁପ୍ରତିଷ୍ଠିତ ନୀତିଗୁଡ଼ିକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ପ୍ରଥମେ ବିଚାର ସମୟରେ ଅଭିଯୋଜନଙ୍କର ସାକ୍ଷୀମାନଙ୍କ ଦ୍ୱାରା ଦିଆଯାଇଥିବା ବୟାନଗୁଡ଼ିକ ଉପରେ ବିଚାର

କରିବା ଆବଶ୍ୟକ ଥିଲା ଏବଂ ସେମାନଙ୍କ ପୂର୍ବ ବୟାନ ସହିତ ସେମାନଙ୍କ ପ୍ରତିବାଦ (ଯଦି କିଛି ଥାଏ)କୁ ଦୃଷ୍ଟିରେ ରଖି ସେହି ବୟାନଗୁଡ଼ିକ ଉପରେ ନିର୍ଭର କରାଯିବା ଉଚିତ କି ନାହିଁ, ତାହା ନିଜେ ନିଷ୍ପତ୍ତି ନେବା ଆବଶ୍ୟକ ଥିଲା, ଯଦି ସେହି ପ୍ରତିବାଦଗୁଡ଼ିକୁ ସାକ୍ଷ୍ୟ ଅଧିନିୟମର ଧାରା 145 ଅଧୀନରେ ନଥିଭୁକ୍ତ କରାଯାଇଥିଲା । ଆକ୍ଷେପିତ ରାୟରେ ଅନ୍ୟ ଏକ ବିଶେଷ ତ୍ରୁଟି ହେଉଛି ଯେ, ଉଚ୍ଚ ନ୍ୟାୟାଳୟ, ଘଟଣାର ଚାକ୍ଷୁଷ ବୟାନ ଦେଇଥିବା ସାକ୍ଷୀମାନଙ୍କ ସାକ୍ଷ୍ୟକୁ ଆଲୋଚନା କିମ୍ବା ଉଲ୍ଲେଖ ନ କରି ଏହା ମନଗଢ଼ା ଓ ଅପ୍ରାକୃତିକ ଅଟେ ଏବଂ ସେଥିପାଇଁ ସେମାନଙ୍କ ବୟାନ ଉପରେ ନିର୍ଭର କରିବା ସମ୍ଭବ ନୁହେଁ, କିନ୍ତୁ ଏହାକୁ ବିଚାରକୁ ନେଇ ନାହାଁନ୍ତି ।

ଉପରୋକ୍ତ ଆଲୋଚନା ପାଇଁ ଆମେ ଆକ୍ଷେପିତ ରାୟକୁ ରଦ୍ଦ କରି ଏବଂ ମାମଲାକୁ ଆଇନ ଅନୁଯାୟୀ ଅପିଲର ପରିସମାପ୍ତି ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଇଛୁ । ଯେହେତୁ ଏହି ମାମଲା ଦୀର୍ଘ ଦିନ ଧରି ବିଚାରାଧୀନ ରହିଛି, ତେଣୁ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଇଛି ଯେ, ଯଥାସମ୍ଭବ ଶୀଘ୍ର ଏହି ଆଦେଶର ପ୍ରାପ୍ତ ତାରିଖ ଠାରୁ ଦୁଇ ମାସ ଅବଧି ମଧ୍ୟରେ ଅପିଲର ପରିସମାପ୍ତି କରାଯାଉ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅପିଲର ପରିସମାପ୍ତି ନହେବା ପର୍ଯ୍ୟନ୍ତ ଜାମିନରେ ଥିବା ଅଭିଯୁକ୍ତ ଉତ୍ତରଦାତାମାନେ ଏହିପରି ରହିବେ ।

ଆର୍. ପି. ଅପିଲର ପରିସମାପ୍ତି କରାଗଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

**ଅନୁବାଦିକା :**
ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ